**POLICE COMMISSIONERATE**
**BHUBANESWAR-CUTTACK**
**BHUBANESWAR**

No. 985 /CP-Traffic Date. 02 .10.2022.

To

**The Collector and District Magistrate,**
**Cuttack.**

**The Commissioner,**
**Cuttack Municipal Corporation,**
**Cuttack.**

Sub: - Public Notice issued in Odia for smooth regulation of traffic during the observance of Durga Puja festival at Cuttack City.

***

Sir,

Enclosed, please find herewith the copy of Public Notice issued in Odia for smooth regulation of traffic during the observance of Durga Puja festival at Cuttack city.

This is for favour of kind information and necessary action.

Yours faithfully,

2/x/22

**Commissioner of Police,**
**Bhubaneswar-Cuttack.**

Memo No. 986 /CP-Traffic Dt. 02 .10.2022

1. Copy along with the copy of Public Notice issued in Odia forwarded to the Dy. Commissioner of Police, Cuttack for information and necessary action.
2. Copy along with the copy of Public Notice issued in Odia forwarded to the ACP Traffic, Cuttack / IIC Traffic P.S., Cuttack for information and necessary action.
3. Copy along with the copy of Public Notice issued in Odia forwarded to the ACP PRO / ACP Programming, Commissionerate Hdqrs., BBSR for information and instructed to wide publication in electronic and print media for the information of general public.

2/x/22

**Commissioner of Police,**
**Bhubaneswar-Cuttack.**

**Address – Bidyut Marg, Bhubaneswar, PIN-751001**
**Tele: 0674-2530016/Fax: 0674-2530001**

# <u>ସର୍ବସାଧାରଣଙ୍କ ନିମନ୍ତେ ବିଜ୍ଞପ୍ତି</u>

କଟକ ସହରରେ ଦୁର୍ଗାପୂଜା ଉପଲକ୍ଷେ ଯାନବାହାନର ସୁନିୟନ୍ତ୍ରିତ ଚଳାଚଳ ତଥା ଜନସାଧାରଣ ଓ ପଥଚାରୀଙ୍କ ସୁବିଧା ଉଦ୍ଦେଶ୍ୟରେ ଓଡ଼ିଶା ଅର୍ବାନ୍ ପୁଲିସ ଆକ୍ଟ ୨୦୦୩ ଧାରା ୨୮ (ଓଡ଼ିଶା ଆକ୍ଟ, ୨୦୦୭ ର ଧାରା ୮ ) ଏବଂ ପୁଲିସ କମିସନରେଟ୍ ଭୁବନେଶ୍ୱର କଟକ ଟ୍ରାଫିକ୍ ଓ ପବ୍ଲିକ୍ ଅର୍ଡର ୨୦୦୮ ଧାରା ୩୬ ଅନୁସାରେ ନିମ୍ନଲିଖିତ କଟକଣା ଗୁଡ଼ିକ ଆସନ୍ତା ତା. ୦୧.୧୦.୨୦୨୨ ରିଖ ଠାରୁ ତା. ୦୫.୧୦.୨୦୨୨ ରିଖ ଅପରାହ୍ନ ୪ ଘଟିକା ଠାରୁ ରାତ୍ର ୧୨ ଘଟିକା ପର୍ଯ୍ୟନ୍ତ ବା ଭିଡ ଭାଙ୍ଗିବା ପର୍ଯ୍ୟନ୍ତ ଲାଗୁ କରାଗଲା ।

୧ । ହାୱଡା ମୋଟର ଛକ ଠାରୁ କୌଣସି ଯାନବାହାନ ସିଧା ମଙ୍ଗଳାବାଗ ଛକ ଆଡକୁ ଯାଇପାରିବେ ନାହିଁ । ଏହି ଗଡିଗୁଡିକ ହାୱଡା ମୋଟର ଛକ ଦେଇ ମାତାମଠ ଛକ ଦେଇ ମହାନଦୀ ରିଙ୍ଗବନ୍ଧରେ ଆସି ମଲ୍ଲାସାହି ବା କାଠଗୋଳ ଦେଇ ମଙ୍ଗଳାବଗ ଛକ କୁ ଯାଇପାରିବେ ।

୨ । ମଙ୍ଗଳାବାଗ ପୁରୁଣା ଦେବୀ ଘର ଛକ ଠାରୁ କୌଣସି ଯାନବାହାନ ବଣିଆସାହି ଓ ଥୋରିଆ ସାହି ଆଡକୁ ଯାଇପାରିବେ ନାହିଁ ।

୩ । ଦୋଳମୁଣ୍ଡାଇ ଛକ ଅଢୁ ଆସୁଥିବା ସମସ୍ତ ଯାନବାହାନ ଗୁଡିକ ବଜ୍ରକବଟୀ ପୋଲ ଛକ ଠାରୁ ରାଣୀହାଟ ଆଡକୁ ଯାଇପାରିବେ ନାହିଁ । ଉକ୍ତ ଯାନବାହାନ ଗୁଡିକ ବଜ୍ରକବଟୀ ପୋଲ ଛକରୁ ବାମ ପାଟ କେନାଲ ରୋଡରେ ଗନ୍ଧାଡିଆ, କବର ସ୍ଥାନ, କେଶପୁର ଛକ ଦେଇ ମଙ୍ଗଳାବାଗ କିମ୍ବା ବକ୍ସିବଜାର ଆଡକୁ ଯାଇପାରିବେ ଏବଂ ଫ୍ରେଣ୍ଡସ କଲୋନୀ ଦେଇ ଥୋରିଆ ସାହି ବାଳିକା ସ୍କୁଲ ପାଖରେ ବାହାରି କେବଳ ମଙ୍ଗଳାବାଗ ଆଡକୁ ଯାଇପାରିବେ, ବଣିଆସାହି କିମ୍ବା ଭୁଦାନ ଅଫିସ ଆଡକୁ ଯାଇପାରିବେ ନାହିଁ ।

୪ । କେଶପୁର ପୋଲ, ଗନ୍ଧାଡିଆ ଛକ, ଥୋରିଆ ସାହି ମହିଳା ସ୍କୁଲ ଛକ ଓ ଫ୍ରେଣ୍ଡସ କଲୋନୀ ତରଫରୁ କୌଣସି ଯାନବାହାନ ବଜ୍ରକବଟୀ ପୋଲ ଆଡକୁ ଯାଇପାରିବେ ନାହିଁ ।

୫ । ଥୋରିଆ ସାହି ଓ ବଣିଆସାହି ଛକରୁ କୌଣସି ଯାନବାହାନ ବଢେଇ ସାହି ଆଡକୁ ଯାଇପାରିବେ ନାହିଁ ।

୬ । ମୋଚି ସାହି ଛକ ଠାରୁ କୌଣସି ଯାନବାହାନ ରାଣୀହାଟ ହାଇସ୍କୁଲ ଦେଇ ହୀନ୍ଦ ସିନେମା ଆଡକୁ ଯାଇପାରିବେ ନାହିଁ, ସେହି ଗାଡିଗୁଡିକ ଡ଼ା. ତେଜେଶ୍ୱର ରାଓ ଛକ ଠାରୁ କେନାଲ ରାସ୍ତା ଦେଇ ଯୋବ୍ରା ଛକ ଆଡକୁ ଯାଇପାରିବେ ।

୭ । ଦୋଳମୁଣ୍ଡାଇ ଛକ ଅଢୁ ଆସୁଥିବା ଯାନବାହାନ ଗୁଡିକ ମହତାବ ରୋଡ ଦେଇ ଛତ୍ରବଜାର ଆଡକୁ ଯାଇ ସେହି ଠାରୁ ମାଲଗୋଦାମ ଆଡକୁ ଯାଇପାରିବେ।

୮ । ଛତ୍ର ବଜାର ପୋଲ ପଖରୁ କୌଣସି ଯାନବାହାନ ଛତ୍ରବଜର ଦେଇ ମହତାବ ରୋଡ ଆଡକୁ କିମ୍ବା ପିଲିଗ୍ରୀମ ରୋଡରେ କଲେଜ ଛକ ଆଡକୁ କିମ୍ବା କେନାଲ ରୋଡରେ ହିନ୍ଦସିନେମା ଆଡକୁ ଯାଇପାରିବେ ନାହିଁ । ହିନ୍ଦ ସିନେମା ଆଡକୁ କେନାଲ ରାସ୍ତାରେ ଆସୁଥିବା ଯାନବାହାନ ଗୁଡିକ ଛତ୍ରବଜାର ପୋଲ ପାଖରୁ ବାମ ପାଟ ଦେଇ ମାଲଗୋଦାମ ଆଡକୁ ଯାଇପାରିବେ କିମ୍ବା ସମ୍ରାଟ ସିନେମା ଆଡକୁ ଯାଇପାରିବେ ।

୯ । ଛତ୍ର ବଜାର ଦୈତାରୀ ରଉତଙ୍କ ଆଳୁ ଗୋଦାମ ଅଢୁ କୌଣସି ଯାନବାହାନ ପ୍ରଫେସର ପଦ ନାଳ ରାସ୍ତାରେ ବଜ୍ରକ ବଟୀ ଆଡକୁ ଯାଇପାରିବେ ନାହିଁ , କିନ୍ତୁ ବଜ୍ରକ ବଟୀ ତରଫରୁ ଯାନବାହାନ ଗୁଡିକ ପ୍ରଫେସର ପଡା ଭିତରକୁ ଯାଇପାରିବେ ।

୧୦ । ମାଲଗୋଦାମରୁ କୌଣସି ଯାନବାହାନ ଛତ୍ରବଜାର ଆଡକୁ ବା ପିଲିଗ୍ରୀମ ରୋଡ ଦେଇ କଲେଜ ଛକ ଯାଇପାରିବେ ନାହିଁ ।

୧୧ । ଫ୍ଲାଇଓଭର ଛକରେ ଟ୍ରାଫିକ ଭିଡ ହେଲା ଓ.ଏମ.ପି. ଛକରୁ କୌଣସି ଯାନବାହାନ କଲେଜ ଛକ କିମ୍ବା ମାଲଗୋଦାମ ଆଡକୁ ନଯାଇ ଶିଖରପୁର ଆଡକୁ ଯାଇପାରିବେ ।

୧୨ । ପିଠାପୁର ଓ ଝୋଲାସାହି ଅଦ୍ଦୁ ଆସୁଥିବା ଯାନବାହାନ ଗୁଡିକ ଝୋଲସାହି ଫୋନ ବକ୍ସ ଛକ ଠାରୁ ବାମ ପଟେ ଗୋପାଳଜୀଉ ଲେନ, ବଙ୍ଗାଳୀ ସାହି କିମ୍ବା ନନ୍ଦୀ ସାହି ଛକ ଆଡକୁ ନଯାଇ ଫୋନ ବକ୍ସ ଛକ ଠାରୁ ଡାହାଣ ପାଟ ରାସ୍ତାରେ କାଠଗଡା ସାହି ଦେଇ ଧର୍ମଶାଳ ଛକରୁ ଫୁଲ ଦୋକାନ ସାମ୍ନା ରାସ୍ତାରେ ଉତ୍କଳିକା ଦେଇ ଜେଲରୋଡ କିମ୍ବା ଗୌରିଶଙ୍କର ପାର୍କ ଆଡକୁ ଯାଇପାରିବେ।

୧୩ । ପୁରୁଣା ଜେଲ ଛକରୁ ଚୌଧରି ବଜାର ଆଡକୁ ଆସୁଥିବା ଯାନବାହାନ ଗୁଡିକ ଗୌରିଶଙ୍କର ପାର୍କ ସବଷ୍ଟେସନ ଛକରୁ ସିଧା ଚୌଧୁରୀ ବଜାର ଛକ ଆଡକୁ ଯାଇପାରିବେ ନାହିଁ । ସେମାନେ ସବଷ୍ଟେସନ ଛକରୁ ଡାହାଣ ପାଟ ଦେଇ ଗଙ୍ଗାମନ୍ଦିର, କାଜିବଜାର ଓ ମୁନ ଲାଇଟ ସ୍କୁଲ ଛକରେ ବାହାରି କେବଳ ଚାନ୍ଦିନୀଚୌକ ଆଡକୁ ଯାଇପାରିବେ ।

୧୪ । ଚୌଧୁରି ବଜାର ଛକ ପଟୁ କୌଣସି ଯାନବାହାନ ଗୌରିଶଙ୍କର ପାର୍କ ଆଡକୁ ଯାଇପାରିବେ ନାହିଁ ।

୧୫ । କଳିଗଳି ଭିତରୁ ଆସୁଥିବା ସମସ୍ତ ଯାନବାହାନ ଗୁଡିକ ଚାନ୍ଦିନୀଚୌକ ଆଡକୁ ଯାଇପାରିବେ ନାହିଁ , ସେମାନେ କେବଳ ହାଇକୋର୍ଟ ଆଡକୁ ଯାଇପାରିବେ।

୧୬ । ଚାନ୍ଦିନୀଚୌକ ଛକ ଠାରୁ କୌଣସି ଯାନବାହାନ ଶେଖବଜର ଦେଇ ଚଣ୍ଡିମନ୍ଦିର ଛକକୁ ଆସିପାରିବେ ନାହିଁ । ମହମଦୀୟ ବଜାର ରାସ୍ତା ବ୍ୟତୀତ ଚାନ୍ଦିନୀଚୌକରୁ ଚଣ୍ଡୀମନ୍ଦିର ଛକ ମୁଖ୍ୟ ରାସ୍ତାକୁ ସଂଯୋଗ କରୁଥିବା ସମସ୍ତ ଗାଳି ରାସ୍ତା ମାନଙ୍କରେ କୌଣସି ଯାନବାହାନ ମୁଖ୍ୟ ରାସ୍ତାକୁ ଆସିବେ ନାହିଁ ।

୧୭ । ଡ଼ା. ଗୁରୁ ମହାନ୍ତି ଛକ ଠାରୁ କୌଣସି ଯାନବାହାନ ସିଧା ଚାନ୍ଦିନୀଚୌକ ଆଡକୁ ଆସିପାରିବେ ନାହିଁ , ସେମାନେ ପୁଲିସ କ୍ଲବ ବାଟ ଦେଇ ରିଙ୍ଗରୋଡ ଦେଇ ଯାଇପାରିବେ । ପୁଲିସ କ୍ଲବ ଗଡାରୁ କୌଣସି ଯାନବାହାନ ଡ଼ା. ଗୁରୁ ମହାନ୍ତି ଛକ ଆଡକୁ ଆସିପାରିବେ ନାହିଁ ।

୧୮ । ନୂଆବଜାର ଛକ ଠାରୁ ଚାରିଚକିଆ ଓ ଭାରି ଯାନ ଓ.ଏମ.ପି. ଛକ ଆଡକୁ ନଯାଇ ସେମାନେ ନୂଆପଡା ଦେଇ ପ୍ରେସ ଛକ କିମ୍ବା ପୋତାପୋଖରୀ ଆଡକୁ ଯାଇପାରିବେ । ସେହିପରି ଓ.ଏମ.ପି. ଛକ କୌଣସି ଭାରି ଯାନ ଚାଉଳିଆଗଞ୍ଜ ଆଡକୁ ଯାଇପାରିବେ ନାହିଁ ।

୧୯ । ମଣିମନ୍ଦିର ଛକ ଠାରୁ ବେଲଭ୍ୟୁ ଛକ ପର୍ଯ୍ୟନ୍ତ ରିଙ୍ଗରୋଡରେ କୌଣସି ଭାରି ଯାନ ଯାତାୟାତ କରିପାରିବେନି ।

୨୦। କନ୍ଦରପୁର ଠାରୁ କୌଣସି ଭାରି ଯାନ ଅପରାହ୍ନ ୪ ଘଟିକା ଠାରୁ ରାତ୍ର ୧୨ ଘଟିକା ପର୍ଯ୍ୟନ୍ତ ବା ଭିଡ ଭାଙ୍ଗିବା ପର୍ଯ୍ୟନ୍ତ ନୂଆବଜାର ଆଡକୁ ଆସିପାରିବେ ନାହିଁ ।

୨୧। କଳିଆବୋଦ ଟ୍ରାଫିକ ଭିଡ ହେଲେ ପୋତାପୋଖରୀ ଅଦ୍ଦୁ ଆସିଥିବା ଯାନବାହାନ ଗୁଡିକ ହରାମଣି ମଣ୍ଡପ ଛକରୁ କଳିଆବୋଦ ଆଡକୁ ଆସିପାରିବେ ନାହିଁ । ସେମାନେ ମହାନଦୀବିହାର ଭିତରେ ପସି କେବଳ ଓଏମପି ଆଡକୁ ଯାଇପାରିବେ ।

୨୨। ଯୋବ୍ରା ଆନିକଟ ଛକ ଆଡକୁ ଆସୁଥିବା ସମସ୍ତ ତିନି ଚକିଆ ଓ ଚାରି ଚକିଆ ଯାନ ଗୁଡିକ ଯୋବ୍ରା ଶନିମନ୍ଦିର ଛକ ଠାରୁ ସିଧା ରାସ୍ତାରେ ନଯାଇ ମହାନଦୀ ରାସ୍ତାରେ ଯାଇପାରିବେ।

ଏହି ନିୟମଟି ଜନସାଧାରଣଙ୍କ ସୁରକ୍ଷିତ ଓ ସୁଗମନାଗମନ ନିମନ୍ତେ ଲାଗୁ କରାଗଲା । ଏହି ନିୟମ ଖିଲାପ କାଲେ ଖିଲାପକାରୀଙ୍କ ଠାରୁ ଓଡ଼ିଶା ଅର୍ବାନ୍ ପୁଲିସ ଆକ୍ଟ ୨୦୦୩ ଧାରା ୯୬ ଅନୁସାରେ ୫୦୦ ଟଙ୍କା କିମ୍ବା ସର୍ବାଧିକ ୧୦୦୦ ଟଙ୍କା ପର୍ଯ୍ୟନ୍ତ ଜୋରିମାନା ଦେବାକୁ ପଡ଼ିବ ।

**ଉପରୋକ୍ତ କଟକଣା ଗୁଡିକ ପୁଲିସ, ଫାୟାର ବ୍ରିଗେଡ, ଏକ୍ସସାଇଜ ଓ ଆମ୍ବୁଲାନ୍ସ ଗାଡିଗୁଡିକ ପାଇଁ ଲାଗୁ ହେବ ନାହିଁ ।**

**ପୁଲିସ କମିଶନର**
**ଭୁବନେଶ୍ୱର-କଟକ**